# OFFICE OF *THE URANIUM*, Friends' Colony, Cuttack

From:

**Dr. S. S. Tripathy**,
President, *UTSE Board, The Uranium*
Friends Colony,
Cuttack-753001

(phone- 8018346909 / 9437226340 / 0671-2427385)

*Dt. 25.02.2019*

## ୭/୮/୯ମ ଉତ୍ତୀର୍ଣ୍ଣ ପିଲା ପାଇଁ (Top 80+ of UTSE-2019)

## (CALL LETTER FOR FINAL LEVEL TEST & PRIZE CEREMONY)

To

Name ____________________________________________

UTSE-2019 Roll No__________________ / CLASS _________

5th April, 2018(Friday) : Class VII pass-out
6th April 2018(Saturday) : Class VIII pass-out
7th April 2018(Sunday) : Class IX pass-out

ଶ୍ରଦ୍ଧେୟ ______

ଅତ୍ୟନ୍ତ ଖୁସିର ସହିତ ତୁମକୁ ଜଣାଉଛୁ ଯେ ତୁମେ ଗତ ଫେବୃଆରୀ ୩ ତାରିଖରେ ହୋଇଥିବା ରାଜ୍ୟ ବ୍ୟାପି ୟୁରାନିୟମ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା(ୟୁ.ଟି.ଏସ୍.ଇ)-୨୦୧୯ ର **ପ୍ରଥମ ୮୦+** ଜଣ କୃତୀ ଛାତ୍ରଛାତ୍ରୀ ମଧ୍ୟରେ ସ୍ଥାନ ଅଧିକାର କରିଅଛ । ସେଥିପାଇଁ ତୁମକୁ ଉପରୋକ୍ତ ତାରିଖରେ **ୟୁରାନିୟମ୍ ସେଣ୍ଟର, ଫ୍ରେଣ୍ଡସ୍ କଲୋନୀ, କଟକ**ରେ ଅନୁଷ୍ଠିତ ହେବାକୁ ଥିବା ଏହାର ଶେଷ ପର୍ଯ୍ୟାୟ ପରୀକ୍ଷା ଏବଂ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବାପାଇଁ ଏହି ଚିଠି ମାଧ୍ୟମରେ ଆମନ୍ତ୍ରଣ କରାଯାଉଛି ।

**Tie Breaking**: ଶେଷ ପର୍ଯ୍ୟାୟ ପରୀକ୍ଷାରେ ଏକାଧିକ ପିଲାଙ୍କର ସମାନ ମାର୍କ ରହିଲେ, ପ୍ରଥମ ପର୍ଯ୍ୟାୟ ପରୀକ୍ଷାର ମାର୍କ ଅନୁଯାଇ ଟାଇ ବ୍ରେକ୍ କରାଯିବ ।

**ଶେଷ ପର୍ଯ୍ୟାୟ ପରୀକ୍ଷାରେ କେଉଁ ବିଷୟରୁ ପ୍ରଶ୍ନ ପଡ଼ିବ ?** । ଯେଉଁ ଶ୍ରେଣୀରେ ତୁମେ ୟୁ.ଟି.ଏସ.ଇ ପରୀକ୍ଷା ଦେଇଥିଲ ସେହି ଶ୍ରେଣୀର ବିଜ୍ଞାନ ବହିର ସମସ୍ତ ବିଷୟରୁ ୩୦ଟି MCQ ପ୍ରଶ୍ନ ପଡ଼ିବ । ଭୌତିକ ବିଜ୍ଞାନ ବିଷୟରୁ ଅଧିକ ପ୍ରଶ୍ନ ପଡ଼ିବ ।

ଶେଷ ପର୍ଯ୍ୟାୟ ପରୀକ୍ଷା ଦିନ ୧୧.୦୦ ମିନିଟରୁ ଆରମ୍ଭ ହୋଇ ୧୧.୪୦ ଟାରେ ଶେଷ (୪୦ ମିନିଟ୍ ଅବଧି) ହେବ । ଏହାର ଫଳାଫଳ ସେହି ଦିନ ୧୨.୩୦ ମିନିଟ୍‌ରେ ବିତରଣୀ ଉତ୍ସବରେ ଘୋଷିତ ହେବ । ସେହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରଥମ ୨୦ ଜଣଙ୍କୁ ସେହିଦିନ ଯଥାକ୍ରମେ **୫ ଏପ୍ରିଲ୍ (ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ) , ୬ ଏପ୍ରିଲ(ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ) ଏବଂ ୭ ଏପ୍ରିଲ୍ (ନବମ ଶ୍ରେଣୀ ଉତ୍ତୀର୍ଣ୍ଣ)** ୧୨.୩୦ ମିନିଟରେ ରେ ହେବାକୁ ଥିବା ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ କରାଯିବ । ଏଥିରେ ସ୍ଥାନ ପାଇଥିବା ପ୍ରଥମ ୨୦ ଜଣ ପିଲାଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯିବ । ଟ୍ରଫି ସହିତ ପ୍ରଥମ ୩ ଜଣଙ୍କୁ ନଗଦ ଅର୍ଥ (**୭ମ ଶ୍ରେଣୀ** : ୧ମ - ୩୦୦୦/-, ୨ୟ- ୨୦୦୦/ ,୩ୟ - ୧୦୦୦/-ଟଙ୍କା, **୮ମ ଓ ୯ମ ଉତ୍ତୀର୍ଣ୍ଣ ପିଲା**: ୧ମ: **୪୦୦୦/-**, ୨ୟ: **୩୦୦୦/-**, ୩ୟ: **୨୦୦୦/-**ଟଙ୍କା ପ୍ରଦାନ କରାଯିବ ଏବଂ ୪ର୍ଥରୁ ୨୦ତମ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ କେବଳ ଟ୍ରଫି ଏବଂ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ଶେଷ ପର୍ଯ୍ୟାୟରେ ଭାଗ ନେଇଥିବା ଏବଂ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସେହି ଉତ୍ସବରେ ସ୍ୱତନ୍ତ୍ର ମେରିଟ ସାର୍ଟିଫିକେଟ୍ (ର୍‍ୟାଙ୍କ ସହିତ) ପ୍ରଦାନ କରାଯିବ । ଅର୍ଥ ପୁରସ୍କାର ଗୋଟିଏ ସ୍କୁଲରୁ ଗୋଟିଏ ପିଲାକୁ ମିଳିବ । ପୁରସ୍କାର ବିତରଣୀ ଉତ୍ସବ ୧୨.୩୦ରେ ଆରମ୍ଭ ହୋଇ ଅପରାହ୍ନ ୧.୩୦ରେ ସମାପନ ହେବାର କାର୍ଯ୍ୟକ୍ରମ ରହିଛି । ୯ମ ଶ୍ରେଣୀ ଉତ୍ତୀର୍ଣ୍ଣ ପ୍ରଥମ ପିଲାକୁ ରାଜ୍ୟପାଳଙ୍କ ରନିଂ କପ ମଧ୍ୟ ପ୍ରଦାନ କରାଯିବ ।୭ମ ଓ ୮ମ ର କୃତି ପିଲାଙ୍କୁ ଗ୍ରୀଷ୍ମ ଛୁଟିରେ ହେବାକୁ ଥିବା ବିଜ୍ଞାନ ଶିବିରକୁ ମଧ୍ୟ ଆମନ୍ତ୍ରଣ କରାଯିବ ।

ଏପ୍ରିଲ୍ ୭ ତାରିଖ(ସପ୍ତମ ଉତ୍ତୀର୍ଣ୍ଣ ପିଲା), ୮ ତାରିଖ(ଅଷ୍ଟମ ଉତ୍ତୀର୍ଣ୍ଣ ପିଲା) , ୯ ତାରିଖ(ନବମ ଉତ୍ତୀର୍ଣ୍ଣ ପିଲା) ସକାଳ ୧୦.୦୦ ସୁଦ୍ଧା ୟୁରାନିୟମ ସେଣ୍ଟରରେ ପିଲାଙ୍କୁ ପହଞ୍ଚିବାକୁ ହେବ । ଯେଉଁମାନେ ରାତି ଗାଡ଼ିରେ ସକାଳୁ ପହଞ୍ଚିବେ ସେମାନଙ୍କୁ ଶୌଚ ଆଦି ନିତ୍ୟକର୍ମ କରିବାର ସୁବିଧା ଆମ ସେଣ୍ଟରରେ ଯୋଗାଇଦିଆଯିବ ।

**ପିଲା ସାଙ୍ଗରେ କଣ ଆଣିବେ** ? ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ମିଳିଥିବା ଆଡ୍‌ମିଟ୍ କାର୍ଡ଼ ସହିତ ବଲ ପଏଣ୍ଟ ପେନ୍, ଏଚ୍. ବି ପେନସିଲ, ପେନସିଲ କଟର, ପିଚ୍ ବୋର୍ଡ଼(ପ୍ଲାଷ୍ଟିକ କିମ୍ବା କାଠ ବୋର୍ଡ଼), ଭଲ ମାନର ରବର, ଏହି କଲ୍ ଲେଟର ଏବଂ ପ୍ଲାଷ୍ଟିକ ପାଣି

ବୋତଲ ସାଙ୍ଗରେ ନେଇ ଆସିବା ଆବଶ୍ୟକ । କଲ୍ ଲେଟର ନପାଇଲେ, ଏହି କଲ ଲେଟର୍‌କୁ ଆମ ୱେବ୍‌ସାଇଟ୍‌ରୁ ଡ଼ାଉନ୍‌ଲୋଡ୍ କରି ତାହାର ପ୍ରିଣ୍ଟ-ଆଉଟ ନେଇ ସେଥିରେ ନିଜର ନାମ, ରୋଲ ନମ୍ବର ଓ କ୍ଲାସ୍(ଯେଉଁ କ୍ଲାସରେ ପରୀକ୍ଷା ଦେଇଥିଲ) ଲେଖି ନେଇ ଆସିବାକୁ ହେବ କାରଣ କଲ୍ ଲେଟର ଡ଼ାକରେ ଦ୍ୱତୀୟ ଥର ପଠାହେବ ନାହିଁ । ଆଡ଼ମିଟ କାର୍ଡ଼ ହଜି ଯାଇଥିଲେ, ତୁମ ରୋଲ ନମ୍ବର ଆମ ସେଣ୍ଟରରୁ ପାଇପାରିବ । ପିଲାମାନେ ନିଜ ସ୍କୁଲର ୟୁନିଫର୍ମ ପିନ୍ଧି ଆସିବା ଆବଶ୍ୟକ ।

**ରେଜିଷ୍ଟ୍ରସନ୍ :** **ଏହି ଶିବିରରେ ଯୋଗ ଦେବାକୁ  ପିଲାଙ୍କୁ କୌଣସି ରେଜିଷ୍ଟ୍ରେସନ ଫିସ୍ ପଡ଼ିବ ନାହିଁ**

ପିଲା ନିଜର ଅଭିଭାବକ ସହିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ବାଧ୍ୟତାମୂଳକ । ଅଭିଭାବକମାନଙ୍କର ଆମ ସେଣ୍ଟରରେ ଅପେକ୍ଷା କରିବା ପାଇଁ ବ୍ୟବସ୍ଥା କରାଯିବ ।  ପିଲା ଓ ତାଙ୍କ ଅଭିଭାବକଙ୍କ ସୁବିଧା ପାଇଁ ଆମ ସେଣ୍ଟରରେ ସକାଳ ଜଳଖିଆ ଓ ଦ୍ୱିପହର ଭୋଜନ ବ୍ୟବସ୍ଥା କରାଯିବ । ସେଥିପାଇଁ ଜଣ ପିଛା ୧୦୦ଟଙ୍କା(ଜଣେ ପିଲା ଓ ତାର ଅଭିଭାବକଙ୍କ ପାଇଁ ମୋଟ ୨୦୦ ଟଙ୍କା) ରେଜିଷ୍ଟ୍ରେସନ ସମୟରେ ପଇଠ କରିବାକୁ ହେବ । ସେ କ୍ଷେତ୍ରରେ ଅଭିଭାବକ ଆଗରୁ ଆମକୁ ଜଣାଇବାକୁ ହେବ । ଦ୍ୱିପହର ଭୋଜନ ଆମ ସେଣ୍ଟରରେ କରିବା ବାଧ୍ୟତାମୂଳକ ନୁହେଁ ।

**ଗସ୍ତ ଖର୍ଚ୍ଚ :** କେବଳ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲା(ବି.ପି.ଏଲ)ଙ୍କୁ  ଗସ୍ତ ଖର୍ଚ୍ଚ ମିଳିବ ଯଦି ସେମାନେ ଏହି ଶେଷ ପର୍ଯ୍ୟାୟ ପରୀକ୍ଷାରେ ପ୍ରଥମ ୨୦ ଜଣଙ୍କ ମଧ୍ୟରେ ରହିବେ ।

**ପୁସ୍ତକ ମେଳା :** ରସାୟନ ବିଜ୍ଞାନରେ ଓଡ଼ିଆ ଭାଷାରେ ଲିଖିତ କେତୋଟି ବହି ପ୍ରଦର୍ଶିତ ହେବ ।

**ଶେଷ ପର୍ଯ୍ୟାୟ ପରୀକ୍ଷାରେ ଯୋଗଦେବା ପାଇଁ ସମ୍ମତି :**

ଶେଷ ପର୍ଯ୍ୟାୟ ୟୁ.ଟି.ଏସ୍.ଇ ପରୀକ୍ଷା ଓ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବା ପାଇଁ ମନୋନିତ ପିଲାଙ୍କ ଅଭିଭାବକ ଆମ ଅଫିସକୁ ତାଙ୍କର ସମ୍ମତି ୨୩.୩. ୨୦୧୯ ସୁଦ୍ଧା କେବଳ **SMS**  କିମ୍ବା ଇମେଲ୍ ଜରିଆରେ ଜଣାଇବେ । SMS/EMAIL ରେ ଲେଖିବେ :  "  ___ (Roll No);  ___ (name);  ___  (class)  participating Final Test"  । ଦ୍ୱିପହର ଭୋଜନ ଏଠାରେ ନେବାର ଥିଲେ, ଆହୁରି ଲେଖିବେ  " ___ persons( 1 or 2) will take the lunch at your centre"  । ସମ୍ମତି ନଜଣାଇବା ପିଲାଙ୍କୁ ଏଥିରେ  ଭାଗ ନେବାକୁ ଅନୁମତି ମିଳିବ ନାହିଁ ।  ଏଥିରେ ଯୋଗ ନଦେଲେ, ପୁରସ୍କାର ଏବଂ ସ୍ୱତନ୍ତ୍ର ମାନପତ୍ର ପାଇବାରୁ ବଞ୍ଚିତ ହେବେ ।    କେବଳ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ୨୦୧୯ ସେପ୍‌ଟେମ୍ବର ମାସ ସୁଦ୍ଧା ଏକ ମେରିଟ ସାର୍ଟିଫିକେଟ, ଅନ୍ୟ ଯୋଗ୍ୟ ବିବେଚିତ ପିଲାଙ୍କ ଭଳି ସେମାନେ ସ୍କୁଲରୁ ପାଇବେ ।

**ଆମ ଠିକଣା :** Dr. S. S. Tripathy, President, UTSE Board,  *The Uranium*, Friends Colony, P.O: Buxi Bazar, Cuttack-753001

**ଫୋନ ନମ୍ବର :**    8018346909 / 9437226340 / 0671-2427385

Email:  theuraniumodisha@gmail.com

ତୁମର କୃତିତ୍ୱ ପାଇଁ ପୁଣି ଥରେ ତୁମକୁ ହାର୍ଦ୍ଦିକ ଶୁଭକାମନା (congratulations) ଜଣାଇ  ଏବଂ ଶେଷ ପର୍ଯ୍ୟାୟ ପରୀକ୍ଷାରେ ଯୋଗ ଦେବା ଆଶା ରଖି, ଏ ଚିଠିଟି ଶେଷ କରୁଛି ।

**Program :**
- **Registration : 9.00 - 10.00 AM**
- **Final Level Test : 11.00 am - 11.40 noon**
- **Prize Giving Ceremony: 12.30 pm - 1.30 pm**
- **Lunch : 2.00 pm**

ଇତି

ତୁମର ବିଶ୍ୱସ୍ତ

Tripathy

(S.S. Tripathy)

**(ବିଶେଷ ସୂଚନା:  ଏହି ଆମନ୍ତ୍ରଣ ପତ୍ରକୁ ସାଙ୍ଗରେ ଧରି ଆସିବା ଆବଶ୍ୟକ**

**ୟୁରାନିୟମ ଟ୍ରେନିଂ ସେଣ୍ଟରର ସଠିକ ଠିକଣା  : ବାଦାମବାଡ଼ି ବସ ଷ୍ଟାଣ୍ଡରୁ ରାଣିହାଟ ଯିବା ରାସ୍ତାରେ ବଜ୍ରକବାଟୀ ପୋଲ ପଡ଼ିବ । ଏହି ପୋଲକୁ ଅତିକ୍ରମ କରିବାର ଠିକ୍ ପରେ ବାମ ହାତି  ନାଳ କଡ଼ରେ ଯାଉଥିବା ରାସ୍ତା(କେନାଲ ରୋଡ଼)ରେ ପ୍ରାୟ ୧୫୦ ମିଟର ଗଲେ ଡ଼ାହାଣ ପଟେ ଏକ ଶିବ ମନ୍ଦିର ପଡ଼ିବ । ମନ୍ଦିରକୁ ଲାଗିଥିବା ଡ଼ାହାଣପଟ ରାସ୍ତାରେ ଯିବ(ସିଧା ରାସ୍ତାକୁ ଛାଡ଼ିବ) । ଏହି ରାସ୍ତାକୁ ଫ୍ରେଣ୍ଡସ୍ କଲୋନୀ କୁହାଯାଏ । ଏହି ରାସ୍ତାରେ ଗଲେ ୩ୟ ଡ଼ାହାଣ ପଟ ଗଳିର ୩ୟ ଘରଟି ୟୁରାନିୟମ ଟ୍ରେନିଂ ସେଣ୍ଟର । ସେହି ଗଳିର ସାମ୍ନାରେ 'ଦି ୟୁରାନିୟମ' ର ଏବଂ** Dr. S.S. Tripathy **ସାଇନ ବୋର୍ଡ଼ ଦେଖିପାରିବେ । ଏହି ଗଳିଟି ଶ୍ୱେତା ହସପିଟାଲକୁ ଲାଗିକରି ଅବସ୍ଥିତ । ଯେଉଁମାନେ ରାଣୀହାଟ ପଟୁ ଆସିବେ, ସେମାନେ ବଜ୍ରକବାଟି ପୋଲକୁ ଲାଗି(ପୋଲ ପୂର୍ବରୁ) ଡ଼ାହାଣ ହାତି ରାସ୍ତାରେ ଗଲେ ଶିବ ମନ୍ଦିର ପଡ଼ିବ ।**